**REGIONAL NEWS UNIT, AIR CUTTACK**

**Mid-day Bulletin (2.32PM)**

**10 September – 2025**

**********************************

## ମୁଖ୍ୟ ସମ୍ବାଦ

- ସୁଭଦ୍ରା ଯୋଜନାରେ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ।
- ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଆଜି ବସିବ ରାଜ୍ୟ କ୍ୟାବିନେଟ୍‌ର ବୈଠକ ।
- ଆତ୍ମହତ୍ୟା ପ୍ରବଣତାରୁ ଲୋକଙ୍କୁ ଦୂରେଇ ରଖିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସ ।

ଏବଂ

- ଏକ୍ ପେଡ୍ ମାଁ କେ ନାମ୍ ଅଭିଯାନ ଅନ୍ତର୍ଗତ ଆସନ୍ତା ୧୭ ତାରିଖ ଦିନ ୭୫ଲକ୍ଷ ଚାରା ରୋପଣ କରିବେ ରାଜ୍ୟ ସରକାର ।

## ସୁଭଦ୍ରା-ସମୀକ୍ଷା ବୈଠକ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱର ଲୋକସେବା ଭବନରେ ସୁଭଦ୍ରା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ଯୋଗ୍ୟ

ହିତାଧିକାରୀଙ୍କୁ ସାମିଲ କରିବା ନେଇ ତର୍ଜମା ହୋଇଛନ୍ତି । କେଉଁ କାରଣରୁ ଯୋଗ୍ୟ ହିତାଧିକାରୀମାନେ ସୁଭଦ୍ରା ଟଙ୍କା ପାଇବାରୁ ବଂଚିତ ହୋଇଛନ୍ତି ସେହି ବିଷୟରେ ଆଲୋଚନା ହୋଇଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ।

**- V/O -**

ଯୋଜନାରେ ସାମିଲ ହୋଇଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ସଂପର୍କରେ ଆଲୋଚନା ହୋଇଛି । ଖାଦ୍ୟ ଯୋଗାଣ, ପରିବହନ ଏବଂ ସ୍ୱାସ୍ଥ୍ୟ ବିଭାଗର ଆବଶ୍ୟକ ତଥ୍ୟ ଆଧାରରେ ମହିଳା ଓ ଶିଶୁକଲ୍ୟାଣ ବିଭାଗ ପକ୍ଷରୁ ଆଜିର ବୈଠକର ଆୟୋଜନ କରାଯାଇଛି ।

## କ୍ୟାବିନେଟ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କ୍ୟାବିନେଟ୍‌ର ଏକ ବୈଠକ ଅନୁଷ୍ଠିତ ହେବ । ଭୁବନେଶ୍ୱର ଲୋକସେବା ଭବନରେ ହେବାକୁ ଥିବା ବୈଠକରେ ଉଚ୍ଚଶିକ୍ଷା, ପୂର୍ତ୍ତ, ଶିଳ୍ପ ଓ ପଂଚାୟତିରାଜ ସମେତ ଆଉ କେତୋଟି ବିଭାଗର ପ୍ରସ୍ତାବ ଅନୁମୋଦନ ଲାଭ କରିବାର ସମ୍ଭାବନା ରହିଛି ।

## ବନକଲାଗି

ଆଶ୍ୱିନ କୃଷ୍ଣ ଚତୁର୍ଥୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଆସନ୍ତାକାଲି ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଏହି ଗୁପ୍ତନୀତି ଆରମ୍ଭ ହେବ । ମହାପ୍ରଭୁଙ୍କର ଗୁପ୍ତନୀତି ପାଇଁ ଆସନ୍ତାକାଲି

ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜି ଚଳିତ ଆର୍ଥିକବର୍ଷର ପ୍ରଥମ ତୀର୍ଥଯାତ୍ରା ଟ୍ରେନ୍ ଭୁବନେଶ୍ୱରରୁ ଅଯୋଧ୍ୟା ବାରାଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତି ପରିଡ଼ା ଭୁବନେଶ୍ୱରର ରେଳଷ୍ଟେସନଠାରେ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଟ୍ରେନ୍‌ରେ ରାଜ୍ୟର ୬ଟି ଜିଲ୍ଲାରୁ ମୋଟ୍ ୭୭୫ ଜଣ ବରିଷ୍ଠ ନାଗରିକଙ୍କ ସହ ୨୫ ଜଣ ଏସକର୍ଟ ଅଧିକାରୀ ମଧ ଯାତ୍ରା କରିଛନ୍ତି ।

## ୟୁରିଆ ସାର କଳାବଜାରୀ

ଝାରସୁଗୁଡା ଜିଲ୍ଲା କିର୍‌ମିରାଠାରେ ୟୁରିଆ ସାର କଳାବଜାରୀ ଅଭିଯୋଗ ହେବାପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଝାରସୁଗୁଡା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସମେତ ବ୍ଲକ କୃଷି ଅଧିକାରୀ ଏବଂ ଅନ୍ୟମାନେ ଘଟଣାସ୍ଥଳରେ ପହଂଚି ଯାଂଚ କରିଛନ୍ତି । ରାତ୍ରିକାଳୀନ ଚଢ଼ଉ କରାଯାଇଥିବା ଯାଂଚ ସମୟରେ ବେଆଇନ କାରବାର ହୋଇଥିବା ଜଣାପଡିବା ପରେ ପୋଲିସ ଏଫ୍‌ଆଇଆର ହୋଇଥିବା କର୍ତ୍ତୃପକ୍ଷ କହିଛନ୍ତି । ତହସିଲଦାରଙ୍କ ଉପସ୍ଥିତିରେ କିର୍‌ମିରା ପ୍ୟାକ୍ସ ସମ୍ପାଦକଙ୍କ ବିରୋଧରେ ଏତଲା ଦାୟର ହୋଇଛି ।

## ପ୍ରଭାତି ପରିଡ଼ା-ଆଲୋଚନା

ପୁରୀ ଜିଲ୍ଲାରେ ଖରିଫ ଚାଷ ପାଇଁ କୃଷକମାନଙ୍କୁ ୨୬ହଜାର ୭୨୮ ମେଟ୍ରିକ ଟନ୍ ବିଭିନ୍ନ କିସମର ସାର ଯୋଗାଇ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି । ଆଭାସୀ ମାଧମରେ କୃଷି ଅଧିକାରୀ ଓ ସମବାୟ ଅଧିକାରୀମାନଙ୍କ ସହ ଗତକାଲି ଆଲୋଚନା କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଚଳିତବର୍ଷ ପୁରୀ ଜିଲ୍ଲା ପାଇଁ ୩୭ହଜାର ୬୪୪ ମେଟ୍ରିକ ଟନ୍ ସାର ଉପଲବ୍ଧି ହୋଇଥିଲା । ସେଥିମଧ୍ୟରୁ ୨୦ହଜାର ୧୬୩ ମେଟ୍ରିକ ଟନ୍ ସାର ପୂର୍ବରୁ ବକେୟା ଥିଲା । ଜିଲ୍ଲାର ୧୧ଗୋଟି ବ୍ଲକର ୪୧ଟି ପ୍ୟାକ୍ସ ମାଧମରେ ବିଭିନ୍ନ ସାର ବିକ୍ରୟ କେନ୍ଦ୍ର ଗୁଡ଼ିକରେ ସାର ବିକ୍ରି ହେଉଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।ଅନ୍ୟପକ୍ଷରେ ଆଉ ଅଧିକା ୨ହଜାର ମେଟ୍ରିକ ଟନ୍ ୟୁରିଆ ଯୋଗାଇ ଦେବାପାଇଁ ସରକାରଙ୍କୁ ଅନୁରୋଧ କରାଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁକାନ୍ତ କୁମାର ଦାସ କହିଛନ୍ତି ।

## ଆତ୍ମହତ୍ୟା ନିବାରଣ ଦିବସ

ଆତ୍ମହତ୍ୟା ପ୍ରବଣତାରୁ ଲୋକଙ୍କୁ ଦୂରେଇରଖିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ କରାଯାଉଛି । ପ୍ରତ୍ୟେକ ଆତ୍ମହତ୍ୟା ସାମାଜିକ, ଭାବପ୍ରବଣ ଏବଂ ଅର୍ଥନୈତିକ ପରିଣାମର ପ୍ରଭାବ ଭାବେ ବିବେଚନା କରାଯାଇଛି । ଚଳିତବର୍ଷର ବିଷୟବସ୍ତୁ ରହିଛି **ଆତ୍ମହତ୍ୟା ଉପରେ ବର୍ଣ୍ଣନା ପରିବର୍ତନ କରିବା ।** ଗତବର୍ଷଠାରୁ ଆସନ୍ତାବର୍ଷ ପର୍ଯ୍ୟନ୍ତ ଏହି ପ୍ରସଙ୍ଗକୁ ଆଧାରକରି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ବିଶ୍ୱ

ସ୍ୱାସ୍ଥ୍ୟ ସଂଗଠନ ଏବଂ ଆନ୍ତର୍ଜାତୀୟ ଆତ୍ମହତ୍ୟା ନିବାରଣ ସଂଘ ପକ୍ଷରୁ ୩ବର୍ଷ ପାଇଁ ଅଭିଯାନ ଚାଲିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୨୦୦୩ ମସିହାରୁ ଏହି ଦିବସ ପାଳନ କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ବାର୍ତାରେ କହିଛନ୍ତି ଆତ୍ମହତ୍ୟା ସମାଧାନର ରାସ୍ତା ନୁହେଁ, ଏହା ଏକ ଦୁର୍ବଳ ମାନସିକତା । ରାଜ୍ୟ ସରକାର ଆତ୍ମହତ୍ୟା ନିବାରଣ ପାଇଁ ଜୀବନ ଜିନ୍ଦାବାଦ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ବ୍ୟାପକ ସାମାଜିକ ସଚେତନତା ସୃଷ୍ଟିକରି ଆତ୍ମହତ୍ୟାକୁ ରୋକାଯାଇପାରିବ ।

## ଚାରାରୋପଣ

'ଏକ୍ ପେଡ୍ ମାଁ କେ ନାମ୍' ଅଭିଯାନର ଅଂଶସ୍ୱରୂପ ରାଜ୍ୟ ସରକାର ଆସନ୍ତା ୧୭ ତାରିଖ ଦିନ ୭୫ଲକ୍ଷ ଚାରା ରୋପଣ କରିବା ନେଇ ଲକ୍ଷ୍ୟ ରଖିଛନ୍ତି । କୃଷି ଓ କୃଷକ ଶକ୍ତିକରଣ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଭାଗ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟ ଏବଂ ଚାରା ଉଦ୍ୟାନକୁ ଅବଗତ କରାଯାଇଛି । କୃଷି ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି ରାଜ୍ୟର ସମସ୍ତ ୨୩ଲକ୍ଷ ଚାରା ମୃତ୍ତିକା ସଂରକ୍ଷଣ ଓ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ଚାରା ଯୋଗାଇ ଦିଆଯିବ । ଚାରାରୋପଣ କାର୍ଯ୍ୟକ୍ରମକୁ ଫଟୋ ଉଠାଇ ମେରି ଲାଇଫ୍ ପୋର୍ଟାଲରେ ଅପ୍‌ଲୋଡ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଡକ୍ଟର ପାଢ଼ୀ କହିଛନ୍ତି ।

## ସୁରେଶ ପୂଜାରୀ-ବୈଠକ

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବଲାଙ୍ଗିର ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ରାଜସ୍ୱ ବିଭାଗର ଏକ ସମୀକ୍ଷା ବୈଠକ କରିଛନ୍ତି । ଗରିବ ଲୋକଙ୍କୁ ଜମିଜମା ବଂଟନ, ପାନୀୟଜଳ, ଶିକ୍ଷା, ଗମନାଗମନ, ଜଙ୍ଗଲଜମି, ଅବକାରୀ ଏବଂ ଅନ୍ୟକେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁଡ଼ିକର ଶ୍ରୀ ପୂଜାରୀ ସମୀକ୍ଷା କରିଥିଲେ ।

## ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଚରମ୍ପା ମହାବିଦ୍ୟାଳୟରେ ପୀଡିତାଙ୍କୁ ନ୍ୟାୟ, କ୍ଷତିପୂରଣ ଓ ଆଇନ୍‌ଗତ ପରାମର୍ଶ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସିଭିଲ ଜଜ୍ ତଥା ଆଇନ୍ ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟକ୍ଷ, ସମାଜସେବକ ଏବଂ ଡାକ୍ତର ଏଥିରେ ଯୋଗଦେଇ ଏସିଡ ଦ୍ୱାରା ଆକ୍ରାନ୍ତ ପୀଡିତା ମହିଳାଙ୍କୁ କିପରି ଉପଯୁକ୍ତ ନ୍ୟାୟ ମିଳିପାରିବ ଏବଂ ସେମାନଙ୍କର ସାମାଜିକ ଓ ଆର୍ଥିକ ନିରାପତା ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ଯୋଗ ଦେଇଥିଲେ ।

## ସମୀକ୍ଷା

ଗଜପତି ଜିଲ୍ଲା ନୋଡାଲ ସେକ୍ରେଟାରୀ ଡକ୍ଟର ଏନ୍ ତିରୁମାଲ୍ଲା ନାୟକ ଦୁଇଦିନିଆ ଗଜପତି ଜିଲ୍ଲା ଗସ୍ତରେ ଯାଇ ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରିଛନ୍ତି । ଆର୍ ଉଦୟଗିରି ବ୍ଲକର ଇନ୍‌ଡୋର ଷ୍ଟାଡିୟମ ଅନୁଧାନ

କରିବା ସହିତ ଅନ୍ତୋଦୟ ଗୃହ ଯୋଜନାରେ ହିତାଧିକାରୀମାନଙ୍କୁ ଗୃହ ପ୍ରବେଶ ପାଇଁ ଆବଶ୍ୟକୀୟ ମଞ୍ଜୁରୀ ଦେଇଛନ୍ତି । ନୂଆଗଡ ବ୍ଲକ ଅନ୍ତର୍ଗତ ଖଜୁରୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିବା ସହିତ ଉତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ନେଇ ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ସହ ଡକ୍ଟର ନାୟକ ଆଲୋଚନା କରିଛନ୍ତି । ଏହାଛଡା ରାୟଗଡା ବ୍ଲକର ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ଆଲୋଚନା କରିବା ସହିତ ସ୍ଥାନୀୟ ସରକାରୀ ଉଚବିଦ୍ୟାଳୟ ଗସ୍ତ କରି ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ ।

# ପାଣିପାଗ

ଦକ୍ଷିଣ ଓଡ଼ିଶା ଏବଂ ଉତର ଆନ୍ଧ୍ରପ୍ରଦେଶ ଉପକୂଳ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

ଆସନ୍ତା ୨୪ ଘଂଟା ମଧରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

## ଇ-ଯାନ

ଓଡ଼ିଶା ଇଭି ପଲିସି ବା ଇ-ଯାନ ନୀତି ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଚିଠା ପ୍ରସ୍ତାବ ଜାରି କରାଯାଇଛି । ରାଜ୍ୟରେ ଆଗାମୀ ୨୦୩୬ ମସିହାସୁଦ୍ଧା ଏହି ନୀତି ଅନୁଯାୟୀ ୭୦ ପ୍ରତିଶତ ଏବଂ ୨୦୪୭ ମସିହା ସୁଦ୍ଧା ୮୦ ପ୍ରତିଶତ ଇ-ଯାନ ଚଳାଚଳ ପାଇଁ ଲକ୍ଷ୍ୟ ରଖାଯାଇଛି । ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ଆସନ୍ତା ୧ ବର୍ଷ

ମଧ୍ୟରେ ଇ-ଯାନ ଆପଣାଇବା ପାଇଁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ଏହି ନୂତନ ନୀତି ବିଜ୍ଞପ୍ତି ପ୍ରକାଶିତ ହେବାଠାରୁ ୨୦୩୦ ମସିହା ଡିସେମ୍ବର ମାସ ପର୍ଯ୍ୟନ୍ତ ବଳବତର ରହିବ ।